## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ରସଂଖ୍ୟା. ୧୦୯୮ / ସୂ.ଲୋ.ସଂ., ତା. ୧୫/୧୧/୨୦୧୮

e-mail- dkl.dipro@gmail.com

ଦୂରଭାଷ- (୦୬୭୬୨)-୨୨୬୪୧୪


# ରାଜ୍ୟ ସରକାରଙ୍କ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଓ ମୌଳିକ ସୁବିଧା ପ୍ରଦାନ

ଢେଙ୍କାନାଳ, ତା-୧୫.୧୧.୨୦୧୮-ଆଜି ପୂର୍ବାହ୍ନରେ ଢେଙ୍କାନାଳ ମିନି ଷ୍ଟାଡ଼ିୟମଠାରେ ବିଶ୍ୱର ସର୍ବବୃହତ ଯୋଜନାରେ ରାଜ୍ୟ ସରକାରଙ୍କ ସହରାଞ୍ଚଳର ହିତାଧିକାରୀ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିଗ୍ରହଣ ପ୍ରମାମପତ୍ର ସ୍ୱରୂପ ପଟ୍ଟା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫେରେନ୍‌ସିଂ ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଛନ୍ତି । ଏହି ଉପଲକ୍ଷେ ସ୍ଥାନୀୟ ମିନି ଷ୍ଟାଡ଼ିୟମ୍‌ଠାରେ ଆୟୋଜିତ ଉତ୍ସବରେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପ୍ରଫୁଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ସହରାଞ୍ଚଳ ଗରୀବ ଲୋକମାନେ ନିଜର ଜାଗା ପାଇବା ସହ ଘର କରି ଖୁସିରେ ଓ ସୁବିଧାଜନକ ଭାବେ ରହିପାରିବେ ସେଥିପାଇଁ ସରକାର ଯତ୍ନବାନ ଅଛନ୍ତି ବୋଲି କହିଥିଲେ ।

ଢେଙ୍କାନାଳ ସାଂସଦ ଶ୍ରୀ ତଥାଗତ ସତପଥୀ କହିଥିଲେ ଯେ, ସହରାଞ୍ଚଳରେ ଯେଉଁ ଗରିବ ଶ୍ରେଣିର ଲୋକମାନେ ଅଛନ୍ତି, ସେମାନଙ୍କୁ ଘର ଓ ମୌଳିକ ସୁବିଧାମାନ ଯୋଗାଇଦେବାପାଇଁ ଏହିଭଳି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ସମସ୍ତଙ୍କୁ ଖାଦ୍ୟ, ବାସଗୃହ ଓ ବସ୍ତ୍ର ଯୋଗାଇଦେବା ହେଉଛି ପ୍ରକୃତ ମାନବିକ ଅଧିକାର । ଏଣୁ ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ନିହାତି ଜରୁରୀ । ଏଭଳିକାମ କରିଯିବା ଉଚିତ୍ ଯଦ୍ୱାରା ତୁମକୁ ସମସ୍ତେ ସବୁଦିନ ମନେ ରଖିବେ ବୋଲି କହିଥିଲେ ।

ସଦର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ସରୋଜ କୁମାର ସାମଲ, ରାଜ୍ୟ ସରକାରଙ୍କର ଏହି ବିଶ୍ୱର ସର୍ବବୃହତ ଯୋଜନାରେ ସାମିଲ ହୋଇ ଆମେ ସମସ୍ତେ ମିଳିମିଶି ଓଡ଼ିଶାକୁ ପ୍ରଗତି ପଥରେ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ ।

ଏହି ଉତ୍ସବରେ ଢେଙ୍କାନାଳ ସଦରର ହିତାଧିକାରୀ ବାସନ୍ତୀ ପ୍ରଧାନ, ପ୍ରଭାସିନୀ ପ୍ରଧାନ, ଉର୍ବଶୀ ନାୟକ, ଚିନ୍ମୟୀ ପ୍ରଧାନ, ନମିତା ରାଉତ୍, ଲକ୍ଷ୍ମୀ ବେହେରା, ଲାବଣ୍ୟ ଖାନ୍ ଓ ରତନୀ ନାୟକ ପ୍ରମୁଖଙ୍କୁ ଭୂମି ଅଧିକାର ପ୍ରମାଣପତ୍ର, ପଟ୍ଟା ପ୍ରଦାନ କରାଯାଇଥିଲା ବେଳେ କାମାକ୍ଷା ନଗରର ବିଜ୍ଞାପିତ ଅଞ୍ଚଳ ପରିଷଦର ୧୪୪ଜଣ ହିତାଧିକାରୀଙ୍କ ମଧ୍ୟରୁ ୨୧ଜଣଙ୍କୁ, ଭୁବନ ଏନ୍‌ଏସିର ୧୦ଜଣଙ୍କୁ ଏବଂ ହିନ୍ଦୋଳ ଏନ୍‌ଏସିର ୧୦ଜଣ ହିତାଧିକାରୀଙ୍କୁ ଭୂମି ଅଧିଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ଏବଂ ପରେ ଅନ୍ୟ ହିତାଧିକାରୀମାନେ ନିଜନିଜର ପୌରପାଳିକା କାର୍ଯ୍ୟାଳୟରୁ ପାଇପାରିବେ ବୋଲି ଜଣାଯାଇଛି ।

ଏହି ଉତ୍ସବରେ ହିନ୍ଦୋଳ ବିଧାୟିକା ଶ୍ରୀମତୀ ସୀମାରାଣୀ ନାୟକ, ପୂର୍ବତନ ନଗରପାଳ ଶ୍ରୀ ସୁଧାଂଶୁ ଶେଖର ଦଳେଇ, ଜିଲ୍ଲାପାଳ ଶ୍ରୀ ନିଖିଲ ପବନ କଲ୍ୟାଣ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରାଙ୍କ ସମେତ ସମସ୍ତ ଉପଜିଲ୍ଲାପାଳ, ସମସ୍ତ ଏନ୍.ଏ.ସି.ର ଚେୟାରମ୍ୟାନ୍, ସମସ୍ତ ତହସିଲଦାର, ପୂର୍ବତନ ନଗରପାଳ ଶ୍ରୀ ଇନ୍ଦ୍ରମଣି ବେହେରା, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ ।

---

ଏହାର ନକଲ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।

ହେମନ୍ତ କୁମାର ନାୟକ

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ୧୫|୧୧|୧୮

ଢେଙ୍କାନାଳ